# ‘ବୟସ୍କଙ୍କୁ ସହାୟତା ନୁହେଁ; ସହଯୋଗ ଲୋଡ଼ା’



ଭୁବନେଶ୍ୱର,୧୪।୯ (ଭୁ.ପ୍ର): ଅନେକ କ୍ଷେତ୍ରରେ ବୟସ୍କମାନେ ଉପେକ୍ଷିତ, ନିଷ୍ପେସିତ। ସେମାନଙ୍କୁ ସହାୟତା ନୁହେଁ ସହଯୋଗ ଲୋଡ଼ା ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରକାଶ କରିଛନ୍ତି। ବିଶ୍ୱବିଦ୍ୟାଳୟର ସମାଜ ବିଜ୍ଞାନ ଏବଂ ନୃତତ୍ତ୍ୱ ବିଭାଗ ପକ୍ଷରୁ ବିଶ୍ୱବ୍ୟାଙ୍କ-ଓଏଚଇପିଇଇ ସହଯୋଗରେ ବାଣୀବିହାରସ୍ଥିତ ସ୍ନାତକୋତ୍ତର ପରିଷଦରେ ଆୟୋଜିତ ‘ବୟସ୍କ ଓ ବହିର୍ଭୁକ୍ତୀକରଣ: ଅନ୍ତର୍ଭୁକ୍ତୀକରଣ ପଥେ ଅଗ୍ରସର’ ଶୀର୍ଷକ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି କୁଳପତି ପ୍ରଫେସର ଆଚାର୍ଯ୍ୟ ଉପରୋକ୍ତ ମତ ରଖିଥିଲେ। କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ପାଣ୍ଡେ ମୁଖ୍ୟବକ୍ତା ଭାବେ ଯୋଗଦେଇ କହିଥିଲେ ଯେ ଆଜିର ଯୁବପିଢ଼ି ବୟସ୍କଙ୍କ ସହିତ ଯୋଗାଯୋଗରେ ରହିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପିତାମାତାଙ୍କ କିଭଳି ଯତ୍ନ ନିଆଯାଇପାରିବ ସେ ସମ୍ପର୍କରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ଦୁର୍ଗା ଶଙ୍କର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ବିଶ୍ୱ ବ୍ୟାଙ୍କ- ଓଏଚଇପିଇଇର ସଂଯୋଜକ ପ୍ରଫେସର ନିଗମାନନ୍ଦ ଦାସ କହିଥିଲେ ମାନସିକ ଚିନ୍ତାଧାରାରେ ପରିବର୍ତ୍ତନ ଆଣିବାକୁ ହେବ। ଏସଏଫସି ନିର୍ଦ୍ଦେଶକ ତଥା ସମାଜ ବିଜ୍ଞାନ ପ୍ରଫେସର ନବନୀତା ରଥ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ନୃତତ୍ତ୍ୱ ବିଭାଗ ମୁଖ୍ୟ ଡ. କାହ୍ନୁଚରଣ ଶତପଥୀ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବୈଷୟିକ ଅଧିବେଶନରେ ସମାଜ ବିଜ୍ଞାନ ଆସୋସିଏଟ ପ୍ରଫେସର ରବୀନ୍ଦ୍ର ଗରଡ଼ା ଅଧ୍ୟକ୍ଷତା କରିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର ଡ. ମୋନାଲିସା ବଳ, ଉତ୍କଳ ବିଶ୍ୱବିଦ୍ୟାଳୟର ଡ. ପ୍ରସନ୍ନ କୁମାର ପାତ୍ର, ଡ. ସୁରେଶଚନ୍ଦ୍ର ମୁର୍ମୁ, ଡ.ପ୍ରିୟଙ୍କା ଖୁରାନା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ଅଭିଭାବକ ପିଲାଙ୍କ ବିଷୟରେ ବେଶି ଚିନ୍ତିତ

ଭୁବନେଶ୍ୱର, ୧୪/୯(ଇମିସ): ବୟସ୍କ ଓ ଯୁବକମାନେ ଯେତେବେଳେ ଅର୍ଥପୂର୍ଣ୍ଣ ସମ୍ପର୍କ ଗଢ଼ନ୍ତି, ସେତେବେଳେ ତାହା ଉଭୟ ଗୋଷ୍ଠୀର ସୁସ୍ଥତାକୁ ଉନ୍ନତ କରେ। ବୟସ୍କମାନେ ନିଜର ଅଭିଜ୍ଞତା ଓ ଜ୍ଞାନ ପ୍ରଦାନ କରିଥାନ୍ତି। ଯୁବଗୋଷ୍ଠୀ ସେମାନଙ୍କର ବିଚ୍ଛିନ୍ନତା ଓ ଏକାକୀକୁ ଏଡ଼ାଇବାରେ ସାହାଯ୍ୟ କରନ୍ତି। ଆଜିର ଦିନରେ ପ୍ରାପ୍ତବୟସ୍କ ବ୍ୟକ୍ତିମାନେ ପ୍ରାୟତଃ ଅଣଦେଖା ଓ ଭେଦଭାବର ଶିକାର ହେଉଛନ୍ତି। ଅଭିଭାବକ କେବଳ ସେମାନଙ୍କ ପିଲାଙ୍କ ଶିକ୍ଷା ବିଷୟରେ ଅଧିକ ଚିନ୍ତିତ ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ଓ କାଲିଫର୍ଣିଆ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ସମାଜବିଜ୍ଞାନ ବିଭାଗ ଏବଂ ନୃତତ୍ତ୍ୱ ବିଭାଗ ଦ୍ୱାରା ଆୟୋଜିତ 'ବୃଦ୍ଧ ଏବଂ ବହିଷ୍କାର: ଅନ୍ତର୍ଭୁକ୍ତି ପାଇଁ ଏକ ମାର୍ଗ' ଶୀର୍ଷକ ଆନ୍ତର୍ଜାତୀୟ କର୍ମଶାଳାରେ ଯୋଗଦେଇ କାଲିଫର୍ଣିଆ ବିଶ୍ୱବିଦ୍ୟାଳୟର ପ୍ରଫେସର ଅନ୍ନପୂର୍ଣ୍ଣା ଦେବୀ ପାଣ୍ଡେ କହିଛନ୍ତି।




ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ କହିଲେ ବୃଦ୍ଧ ମହିଳାଙ୍କ ଅବସ୍ଥା ସହରାଞ୍ଚଳ, ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳଠାରୁ ସମ୍ପୂର୍ଣ୍ଣ ଭିନ୍ନ। ଅଧିକରୁ ଅଧିକ ବରିଷ୍ଠ ନାଗରିକ ନିଜ ପୁଅ ଓ ବୋହୂଙ୍କ ଦ୍ୱାରା ପରିତ୍ୟକ୍ତ ହୋଇ ସହରଗୁଡିକର ବୃଦ୍ଧାଶ୍ରମକୁ ଯାଉଛନ୍ତି। ଆଜିକାଲିର ପିଲାମାନେ ପିତାମାତାଙ୍କର ଯତ୍ନ ନେବାକୁ ଚାହାନ୍ତି ନାହିଁ। ଯେଉଁଠି ଆଦିବାସୀ ଅଞ୍ଚଳର ଲୋକେ ସେମାନଙ୍କ ପିତାମାତାଙ୍କ ସହ ରୁହନ୍ତି। ଗ୍ରାମାଞ୍ଚଳ ଓ ସହରାଞ୍ଚଳ ଅପେକ୍ଷା ଆଦିବାସୀ ସମାଜ ବହୁତ ଭଲ ବୋଲି ମତବ୍ୟକ୍ତ କରିଥିଲେ। ବିଶ୍ୱବିଦ୍ୟାଳୟ ପିଜି କାଉନସିଲ୍ ଅଧ୍ୟକ୍ଷ ପ୍ରଫେସର ଦୁର୍ଗାଶଙ୍କର ପଟ୍ଟନାୟକ, ଓଏଚଇପିଇର ସଂଯୋଜକ ପ୍ରଫେସର ନିଗମାନନ୍ଦ ଦାସ ଯୋଗଦେଇ ଭାରତରେ ବୟସ୍କଙ୍କ ଉପରେ ହେଉଥିବା ଅତ୍ୟାଚାର ରୋକିବା ଲାଗି ଯୁବକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଯିବା ଉଚିତ ବୋଲି ମତପ୍ରକାଶ କରିଥିଲେ। ସମାଜବିଜ୍ଞାନ ବିଭାଗର ମୁଖ୍ୟ ପ୍ରଫେସର ନବନୀତା ରଥ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ନୃତତ୍ତ୍ୱ ବିଭାଗର ଆସୋସିଏଟ୍ ପ୍ରଫେସର କାହ୍ନୁ ଚରଣ ଶତପଥୀ ଧନ୍ୟବାଦ ଦେଇଥିଲେ। ସମାଜବିଜ୍ଞାନର ଆସୋସିଏଟ୍ ପ୍ରଫେସର ରବୀନ୍ଦ୍ର ଗରାଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ବୈଷୟିକ ଅଧିବେଶନରେ ପ୍ରଫେସର ପାଣ୍ଡେ, କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲର ଅଧ୍ୟକ୍ଷା ମୋନାଲିସା ବଳ, ନୃତତ୍ତ୍ୱ ବିଭାଗର ଆସୋସିଏଟ୍ ପ୍ରଫେସର ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ଯୋଗଦେଇ 'ବୃଦ୍ଧଙ୍କ ସାମାଜିକ ବହିଷ୍କାର' ବିଷୟରେ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିଥିଲେ।